# ବାଣିଜ୍ୟକର ଏବଂ ଜିଏସଟି କମିଶନରେଟ, ଓଡିଶା, କଟକ

## ପ୍ରେସ ଇସ୍ତହାର

## ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ୬୪୧ କୋଟି ଟଙ୍କାର ଜାଲ ବିଲ ରାକେଟର ପର୍ଦ୍ଦାଫାଶ

## ଦୁଇ ଜଣ ମାଷ୍ଟରମାଇଣ୍ଡ ଗିରଫ

**କଟକ :** ଓଡିଶା ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ଜାଲ ବିଲ ର ।କେଟ ବିରୁଦ୍ଧରେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଫଳରେ ଆଜି (୧୫-୦୭-୨୦୨୧) ୬୪୧ କୋଟି ଟଙ୍କାର ଏକ ଜାଲ ବିଲ ରାକେଟର ପର୍ଦ୍ଦାଫାଶ ଘଟିଛି ଏବଂ ଏଥିରେ ସମ୍ପୃକ୍ତ ଦୁଇ ଜଣ ମାଷ୍ଟରମାଇଣ୍ଡ ଶ୍ରୀ ଗୁରଦିତ ଡାଙ୍ଗ (ତିରୁପତି ଟ୍ରେଡ଼ର୍ସର ମାନେଜିଂ ପାର୍ଟନର ଓ ଶତଗୁରୁ ମେଟାଲ୍ସ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ ର ଅଧିକୃତ ପ୍ରତିନିଧି) ଏବଂ ଶ୍ରୀ ସୁଜୟ ମଇତ୍ର (ରାଉରକେଲା ସ୍ଥିତ ସ୍ମାର୍ଟଏଜିସ ଟ୍ରେଡ ଭେଞ୍ଚର ପ୍ରାଇଭେଟ ଲିମିଟେଡ ର ନିର୍ଦ୍ଦେଶକ) । ଏହି ଜାଲ ବିଲ ବଳରେ ୧୧୫.୧୦ କୋଟି ଟଙ୍କାର ଜାଲ ଆଇଟିସି ଉପଭୋଗ ଓ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଏହି ଜାଲ ବିଲ ରାକେଟରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ଶ୍ରୀ ଡାଙ୍ଗଙ୍କୁ ରାଉରକେଲାରୁ ଗିରଫ କରାଯାଇଥିବା ବେଳେ ଶ୍ରୀ ମଇତ୍ରଙ୍କୁ ଭୁବନେଶ୍ୱର ରୁ ଗିରଫ କରାଯାଇଛି ।

ଏହି ଦୁଇଜଣ ଅନ୍ୟମାନଙ୍କ ସହ ମିଶି ୧୬ ଗୋଟି ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ସୃଷ୍ଟି କରି ଜାଲ କିଣା ବିଲ ମାଧ୍ୟମରେ ଏହି ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ହାତେଇଥିବା ଜଣା ଯାଇଛି । ଏହି ଜାଲ ପ୍ରତିଷ୍ଠାନଗୁଡିକ ଅନୁଗୁଳ , ରାଉରକେଲା, ବଣାଇ , ଏରସମା , ତିରତୋଲ , ରିଆମାଳ ଓ ସୁନ୍ଦରଗଡରେ ଥିବା ଜଣାପଡିଛି । ଜାଲ କ୍ରୟ ବିକ୍ରୟ ବିଲ ମାଧ୍ୟମରେ କୋଟି କୋଟି ଟଙ୍କାର ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ହାତେଇଥିବା ବେଳେ ପ୍ରାୟ ସେହି ପରିମାଣର ଇନ୍ପୁଟ ଟାକ୍ସ କ୍ରେଡିଟ (ITC) ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀଙ୍କୁ ହସ୍ତାନ୍ତର କରି ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି କରିଛନ୍ତି । ଅଳ୍ପ ଦିନର ବ୍ୟବଧାନ ମଧ୍ୟରେ ସେମାନେ ଏହି ଜାଲ କିଣା ବିଲ ଯୋଗାଡ କରିଥିବା ଜଣାଯାଇଛି ।

ବାଲେଶ୍ୱରର ଯୋଗେଶ୍ୱରପୁର ସ୍ଥିତ ଜଣେ ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ଚଳିତ ଅନୁସନ୍ଧାନ ଆରମ୍ଭ କରଯାଇଥିଲା । ସେହିପରି ପାଣିକୋଇଲି , ବାରିପଦା , ରାସଗୋବିନ୍ଦପୁର , ବରଗଡ଼ , ପୁରୀ ଓ ବାଲେଶ୍ୱରର ୫ ଜଣ ବ୍ୟବସାୟୀ ସ୍ୱୀକାର କରିଥିଲେ ଯେ ଉପରୋକ୍ତ ଦୁଇ ଜଣ ଅଭିଯୁକ୍ତ ଜାଲ ବିଲ ବଳରେ ସେମାନଙ୍କୁ ଜିନିଷ ଯୋଗାଇଥିଲେ । ପୁନଶ୍ଚ ମୋବାଇଲ କାର୍ଯ୍ୟ କଳାପ ସମୟରେ ଡ୍ରାଇଭର ଓ ପରିବହନ ସଂସ୍ଥା ଏ ଦୁଇ ଜଣଙ୍କ ସମ୍ପର୍କରେ ଅନେକ ସୁରାଗ ଯୋଗାଇଥିଲେ । ଏହା ଅନୁସନ୍ଧାନ ପ୍ରକ୍ରିୟାକୁ ମଜଭୁତ କରିଥିଲା ।

ଅନୁସନ୍ଧାନ ସମୟରେ ଏ ଦୁଇ ଜଣଙ୍କ ଦ୍ୱାରା ନିମ୍ନ ପ୍ରକାର ଜାଲିଆତି ହୋଇଥିବା ଜଣା ପଡିଥିଲା –

୧. ଜାଲ ଫାର୍ମ ଚଳାଇବା ପାଇଁ ଏହି ମାଷ୍ଟରମାଇଣ୍ଡମାନେ ପାଣିକୋଇଲି , ବାରିପଦା, ରାସଗୋବିନ୍ଦପୁର, ବରଗଡ, ପୁରୀ, ବାଲେଶ୍ୱର ଏବଂ ଝାରଖଣ୍ଡରେ ରହୁଥିବା ପାଣି ମିସ୍ତ୍ରୀ , ଡ୍ରାଇଭର, ମେକାନିକ, ଗ୍ୟାସ ଯୋଗଉଥିବା ଲୋକ, ବେକାର ଯୁବକ, ଇନ୍ଦିରା ଆବସ ଯୋଜନା ଘରେ ରହୁଥିବା ଅନେକ ନିରୀହ ଲୋକଙ୍କୁ ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବା ଆଳ ଦେଖାଇ ସେମାନଙ୍କ ପରିଚୟ ପତ୍ର ହାସଲ କରିଥିବା ଓ ସେଗୁଡିକୁ ବ୍ୟବହାର କରି ଜିଏସଟି ପଞ୍ଜୀକରଣ ହାସଲ କରିଥିଲେ ।

୨. ୧୬ ଫାର୍ମ ପାଇଁ କରାଯାଇଥିବା ଘରଭଡା ଚୁକ୍ତି ମଧ୍ୟ ଜାଲିଆତି ହୋଇଥିବା ଜଣାଯାଇଛି । ୨ ଗୋଟି ମାମଲାରେ ଘରଭଡା ଚୁକ୍ତି ୨୦୧୮ ରେ ସ୍ୱାକ୍ଷରିତ ହୋଇଥିବା ବେଳେ ୨୦୦୭ ମସିହାରେ ଘର ମାଲିକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି ।

୩. ଆହୁରି ମଧ୍ୟ ଜଣା ଯାଇଛି ଯେ ଶତଗୁରୁ ମେଟାଲ୍ସ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ ଦ୍ୱାରା ବିପୁଳ ପରିମାଣ ର ହିସାବ ବହିର୍ଭୂତ ମାଲ ତିଆରି କରାଯାଇଥିଲା । ଏଗୁଡ଼ିକୁ ନିୟମିତ କରିବା ପାଇଁ ଉପରୋକ୍ତ ଜାଲ ଫାର୍ମଗୁଡିକ ନାମରେ କିଣା ଓ ବିକ୍ରି ବିଲ ବାହାର କରାଯାଇଥିଲା ।

୪. ଇ-ୱେବିଲ ବାହାର କରିବା ଓ ବ୍ୟାଙ୍କ କାରବାର ପାଇଁ ସେମାନେ ଜାଲ ଫାର୍ମର ପ୍ରୋପ୍ରାଏଟର ମାନଙ୍କ ନାମରେ ମୋବାଇଲ ସିମ ହାସଲ କରିଥିଲେ ଯାହା ସମ୍ପର୍କରେ ସମ୍ପୃକ୍ତ ପ୍ରୋପ୍ରାଏଟରମାନେ ଟେର ମଧ୍ୟ ପାଇ ନଥିଲେ ।

୫. ଦୁଇ ଚକିଆ ଯାନ , ସ୍କୁଟର , କାର , ତିନି ଚକିଆ ଯାନ ମାଧ୍ୟମରେ ଟନ ଟନ ପରିମାଣର ମାଲ ପରିବହନ ହୋଇଥିବା ଦର୍ଶଯାଇଥିଲା ।

୬. ଅନୁସନ୍ଧାନରୁ ଜଣାଯାଇଛି ଯେ ଜାଲ ବ୍ୟବସାୟ ମାଧ୍ୟମରେ ଆସିଥିବା ବେଆଇନ ଅର୍ଥ ପରିଶେଷରେ ଏହି ମାଷ୍ଟରମାଇଣ୍ଡମାନଙ୍କ ହାତକୁ ଯାଇଥିଲା । ଏହି ସମ୍ପର୍କିତ ପ୍ରମାଣ ଅଦାଲତରେ ଦାଖଲ କରାଯିବ ।

ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା 132(1)(c), 132(1)(b), 132(1)(l) ଓ ୧୩୨(୫) ଅନୁଯାୟୀ ଏହି ଅପରାଧ ଏକ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଏବଂ 132(1)(i) ଧାରା ଅନୁଯାୟୀ ଦଣ୍ଡନୀୟ ।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗ ବର୍ତ୍ତମାନ ଶୁଦ୍ଧା ୨୦ ଜଣ ଠକ ବ୍ୟବସାୟୀଙ୍କୁ ଜାଲ ବିଲ କାରବାର ଏବଂ ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ଉପଲବ୍ଧ ଏବଂ ହସ୍ତାନ୍ତର କରିଥିବା ଅଭିଯୋଗରେ ଗିରଫ କରିଛି । ଏତଦବ୍ୟତୀତ ରାଜ୍ୟ ଜିଏସଟି ବିଭାଗ ଦ୍ୱାରା ଏପର୍ଯ୍ୟନ୍ତ ୨୫୪୦୦ ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି । ରିଟର୍ନ ଦାଖଲ କରି ନଥିବା ହେଉ ଅଥବା କ୍ଷେତ୍ରିୟ ଅନୁସନ୍ଧାନରେ ଏଗୁଡିକ ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ଜଣା ପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ୧୬-୦୭-୨୦୨୧ ରୁ ୧୫-୯-୨୦୨୧ ପର୍ଯ୍ୟନ୍ତ ଦୁଇ ମାସ ବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ ଜାଲ ପଞ୍ଜୀକରଣକୁ ରଦ୍ଦ କରିବା ପାଇଁ ଆରମ୍ଭ କରାଯାଇଛି ।

ରାଜ୍ୟ ଜିଏସଟି କମିସନରେଟ ତରଫରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ କୌଣସି ବ୍ୟକ୍ତି ନିଜର ପରିଚୟ ପତ୍ର ସମ୍ପର୍କିତ କାଗଜ ପତ୍ର, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି କୌଣସି ଅଜଣା / ଅନଧିକୃତ ଲୋକଙ୍କୁ ପ୍ରଦାନ କରନ୍ତୁ ନାହିଁ । ଯଦି କେହି ଏପରି କରିଥାନ୍ତି ତେବେ ସେମାନେ ତୁରନ୍ତ ରାଜ୍ୟ ଜିଏସଟି କମିସନରେଟଙ୍କୁ ଜଣାନ୍ତୁ , ଯାହା ଫଳରେ ଏଗୁଡ଼ିକର ଅପବ୍ୟବହାର କୁ ରୋକିହବ । ଯଦି କେହି ବ୍ୟକ୍ତି ନିଜର ବ୍ୟକ୍ତିଗତ କାଗଜପତ୍ର ଅପବ୍ୟବହାର ହେଉଥିବା ଜାଣିଛନ୍ତି କିମ୍ବା ଖବର ପାଇଛନ୍ତି ତେବେ ସେମାନେ ତୁରନ୍ତ ନିକଟସ୍ଥ ଜିଏସଟି କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । ବିଭାଗ ଏ ସମ୍ବନ୍ଧରେ ତୁରନ୍ତ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

***